# NATIONAL NEWS BULLETIN (ODIA)
## 13th July - 2024
## Morning Bulletin : 7.15 a.m.

**********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଜି ମୁମ୍ବାଇ ଗସ୍ତ ।

— ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର କରିବେ ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ ।

- ୭ଟି ରାଜ୍ୟର ୧୩ଟି ବିଧାନସଭା ଉପନିର୍ବାଚନରେ ଆଜି ହେବ ଭୋଟ୍‌ଗଣତି ।

- ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର ଏବଂ ଥାଇଲାଣ୍ଡ ପ୍ରତିପକ୍ଷ ସାଙ୍ଗିଆମ୍‌ପୋଙ୍ଗ୍‌ସାଙ୍କ ମଧ୍ୟରେ ହୋଇଛି ଆଲୋଚନା ।

- ୨୦୨୩-୨୪ ବର୍ଷ ଲାଗି ଦେଶର ନିରନ୍ତର ବିକାଶ ସଂକ୍ରାନ୍ତ ସୂଚନାଙ୍କ ପ୍ରକାଶ କଲା ନୀତି ଆୟୋଗ ।

ଏବଂ

- ଭାରତ ଓ ଜିମ୍ବାୱେ ମଧ୍ୟରେ ପାଞ୍ଚଟିକିଆ ଟି-ଟ୍ୱେଣ୍ଟି ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆଜି ଖେଳାଯିବ ହରାରେ ସ୍ପୋର୍ଟସ୍ କ୍ଲବ୍‌ରେ ।

## ପି.ଏମ୍. - ମୁମ୍ବାଇ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମୁମ୍ବାଇ ଗସ୍ତରେ ଯାଇ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ସେଗୁଡ଼ିକ ମଧ୍ୟରେ ସଡ଼କ, ରେଳପଥ ଓ ବନ୍ଦର କ୍ଷେତ୍ରର ପ୍ରକଳ୍ପ ଅନ୍ତର୍ଭୁକ୍ତ । ୨୯ ହଜାର ୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ ଗୋରେଗାଓଁ ସ୍ଥିତ ନେସ୍କୋ ପ୍ରଦର୍ଶନୀ କେନ୍ଦ୍ରରେ ଭର୍ଚୁଆଲ୍ ମାଧ୍ୟମରେ କରାଯିବ ।

ଏହି ଅବସରରେ ୧୬ହଜାର ୬୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୧ ଦଶମିକ୍ ୮ କିଲୋମିଟର ଦୈର୍ଘ୍ୟର ଥାନେ-ବୋରିଭାଲି ଟନେଲ୍ ପ୍ରକଳ୍ପର ଶିଳାନ୍ୟାସ କରାଯିବ । ଏହାଦ୍ୱାରା ଦୂରତ୍ୱ କମିବା ସହ ସମୟ ସଞ୍ଚୟ ହୋଇପାରିବ । ସେହିଭଳି ପ୍ରଧାନମନ୍ତ୍ରୀ ୬ହଜାର ୩୦୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଗୋରେଗାଓଁ-ମୁଲୁନ୍ଦ ଲିଙ୍କ୍ ସଡ଼କ ପ୍ରକଳ୍ପର ଟନେଲ୍ କାର୍ଯ୍ୟ ଲାଗି ଶିଳାନ୍ୟାସ କରିବେ । ସେହିଭଳି ନାଭି ମୁମ୍ବାଇର ଟର୍ଭେ ଠାରେ

ଗତିଶକ୍ତି ବିବିଧ ମୋଡାଲ୍ କାର୍ଗୋ ଟର୍ମିନାଲ୍ ଏବଂ କଲ୍ୟାଣ ୟାର୍ଡ୍ ରି ମଡେଲିଂ ଲାଗି ଶିଳାନ୍ୟାସ କରିବେ ।

ଏହାଛଡ଼ା ପ୍ରଧାନମନ୍ତ୍ରୀ ଆଜି ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ ଷ୍ଟେସନ୍‌ର ସମ୍ପ୍ରସାରିତ ୧୦ ଓ ୧୧ ନମ୍ବର ପ୍ଲାଟଫର୍ମ ଏବଂ ଲୋକମାନ୍ୟ ତିଲକ ଟର୍ମିନସ୍ ଠାରେ ନୂତନ ପ୍ଲାଟଫର୍ମକୁ ଲୋକାର୍ପଣ କରିବେ । ଏହି ଅବସରରେ ଶ୍ରୀ ମୋଦୀ ପ୍ରାୟ ୫ ହଜାର ୬୦୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ଯୁବ କାର୍ଯ୍ୟ ପ୍ରଶିକ୍ଷଣ ଯୋଜନାର ଶୁଭାରମ୍ଭ କରିବେ । ୧୮ରୁ ୩୦ ବର୍ଷ ବୟସ୍କ ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି କରିବା ସହିତ ନିଯୁକ୍ତି ସୁଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି ।

## ବାଇ ଇଲେକ୍‌ସନ୍

୭ଟି ରାଜ୍ୟର ୧୩ଟି ବିଧାନସଭା ଉପ-ନିର୍ବାଚନରେ ଆଜି ଭୋଟ୍‌ଗଣତି କରାଯିବ । ସେଥିମଧ୍ୟରେ ପଶ୍ଚିମବଙ୍ଗର ରାଇଗଞ୍ଜ, ରାଣାଘାଟ ଦକ୍ଷିଣ, ବାଗଦା ଏବଂ ମାଣିକତାଲା ଆସନ ଗୁଡ଼ିକ ରହିଛି । ସେହିଭଳି ହିମାଚଳ ପ୍ରଦେଶର ଦେହରା, ହମୀରପୁର ଏବଂ ନାଲାଗଡ଼, ଉତ୍ତରାଖଣ୍ଡର ବଦ୍ରିନାଥ ଏବଂ ମାଙ୍ଗ୍‌ଲୋର୍, ପଞ୍ଜାବର ଜଲନ୍ଧରୱେଷ୍ଟ, ବିହାରର ରୁପାଉଲି,

ମଧ୍ୟପ୍ରଦେଶର ଅମରୱାଡା ଏବଂ ତାମିଲନାଡୁର ଭିକ୍ରାବାନ୍ଦି ଆସନ ପାଇଁ ମତଦାନ ହୋଇଥିଲା । ସକାଳ ୮ଟାରୁ ଗଣତି ଆରମ୍ଭ ହେବ ।

ମଧ୍ୟପ୍ରଦେଶର ଛିନ୍ଦୱାଡ଼ାସ୍ଥିତ ସରକାରୀ ପି.ଜି. କଲେଜ ଭବନରେ ଗଣତି ପାଇଁ ବ୍ୟବସ୍ଥା କରାଯାଇଛି । ୨୦ଟି ପର୍ଯ୍ୟାୟରେ ଏହି ଗଣତି ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରଥମେ ପୋଷ୍ଟାଲ୍ ବାଲାଟ୍ ଗଣିତି କରାଯିବ ।

## ଜୟଶଙ୍କର - ଥାଇ ଏଫ୍.ଏମ୍.

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ଥାଇଲାଣ୍ଡ ପ୍ରତିପକ୍ଷ ମାରିସ୍ ସାଙ୍ଗିଆମ୍‌ପୋଙ୍ଗ୍‌ସା'ଙ୍କ ସହ ନୂଆଦିଲ୍ଲୀରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ରାଜନୈତିକ, ପ୍ରତିରକ୍ଷା, ବାଣିଜ୍ୟ ଓ ପୁଞ୍ଜିନିବେଶ, ଅର୍ଥନୈତିକ ଏବଂ ପର୍ଯ୍ୟଟନ କ୍ଷେତ୍ର ଉପରେ ଆଲୋଚନା ହୋଇଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ ଲକ୍ଷ୍ୟ ହାସଲ କରିବା ଏବଂ ବିଭିନ୍ନ ଆଞ୍ଚଳିକ ତଥା ଭାରତ-ଆସିଆନ୍ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସହଯୋଗିତା ନେଇ ଆଲୋଚନା ହୋଇଛି ।

## ନଡ୍ଡା - ହେଲ୍‌ଥ୍

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଗତକାଲି ନୂଆଦିଲ୍ଲୀରେ ସ୍ୱାସ୍ଥ୍ୟକ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭନ୍ନ କଲ୍ୟାଣକାରୀ ଯୋଜନାଗୁଡ଼ିକର ସମୀକ୍ଷା କରିଛନ୍ତି । ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ଭାରତ ଡିଜିଟାଲ୍ ମିଶନ ଆଦି ଯୋଜନାଗୁଡ଼ିକର ସ୍ଥିତି ନେଇ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍ତି, ୩୪ କୋଟି ୭୦ ଲକ୍ଷ ଆୟୁଷ୍ମାନ କାର୍ଡ଼ ବଣ୍ଟାଯିବ ସହ ଏହା ମାଧ୍ୟମରେ ପ୍ରାୟ ୭ କୋଟି ୩୫ ଲକ୍ଷ ହିତାଧିକାରୀ ବିଭିନ୍ନ ହସ୍ପିଟାଲ୍ ମାଧ୍ୟମରେ ଚିକିତ୍ସା ସୁବିଧା ପାଇଛନ୍ତି । ଏ ବାବଦରେ କେନ୍ଦ୍ର ସରକାର ୧ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରିଥିବା ସେ କହିଛନ୍ତି । ବୈଠକରେ ମନ୍ତ୍ରୀ ଶ୍ରୀ ନଡ୍ଡା କେନ୍ଦ୍ର ସରକାରଙ୍କ ଏହି ଯୋଜନାଗୁଡ଼ିକର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିବାକୁ ନିଶ୍ଚିତ କରିବାପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ନୀତି ଆୟୋଗ ଏସ୍.ଡି.ଜି.

ନୀତି ଆୟୋଗ ଗତ ୨୦୨୩-୨୪ ବର୍ଷ ଲାଗି ଦେଶର ନିରନ୍ତର ବିକାଶ ଲକ୍ଷ୍ୟ ସଂକ୍ରାନ୍ତ ସୂଚକାଙ୍କ ଗତକାଲି ପ୍ରକାଶ କରିଛି । ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବି.ଭି.ଆର୍. ସୁବ୍ରମଣ୍ୟମ୍‌ଙ୍କ ଉପସ୍ଥିତିରେ ଉପାଧ୍ୟକ୍ଷ ସୁମନ୍ ବେରି ଏହି ସୂଚକାଙ୍କ ଉନ୍ମୋଚନ କରିଥିଲେ । ବିଶ୍ୱବ୍ୟାପୀ ମାନ୍ଦାବସ୍ଥା ସତ୍ତ୍ୱେ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଆଡ଼କୁ ଭାରତ ଅଗ୍ରସର ହେଉଛି ବୋଲି ଏଥିରେ ଦର୍ଶାଯାଇଛି । ଜାତୀୟ ଏବଂ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ନିରନ୍ତର ବିକାଶ ସମୀକ୍ଷା କରିବା ଲାଗି ଏହି ସୂଚକାଙ୍କ ହେଉଛି ଏକ ପ୍ରମୁଖ ମାଧ୍ୟମ । ଶ୍ରୀ ସୁବ୍ରମଣ୍ୟମ୍ କହିଛନ୍ତି, ୨୦୧୮ ପରଠାରୁ ଭାରତ ବିଭିନ୍ନ କ୍ଷେତ୍ରରେ ନିରନ୍ତର ବିକାଶ ହାସଲ କରିଛି । ଦାରିଦ୍ର୍ୟ ଦୂରୀକରଣ, ସ୍ୱାସ୍ଥ୍ୟ, ସ୍ୱଚ୍ଛ ପାନୀୟ ଜଳ ଓ ପରିମଳ, ଶକ୍ତି ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି ବୋଲି ସେ କହିଛନ୍ତି । ଖାଦ୍ୟ ଓ ପୋଷଣ ନିରାପତ୍ତା, ବିଦ୍ୟୁତ୍‌କରଣ, ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ, ଇନ୍ଧନ ଯୋଗାଣ ଏବଂ ଶକ୍ତି କ୍ଷେତ୍ରରେ ସରକାରଙ୍କ ଗୁରୁତ୍ୱାରୋପ ଯୋଗୁଁ ଏଭଳି ନିରନ୍ତର ବିକାଶ ସମ୍ଭବ ହୋଇପାରିଛି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୪ କୋଟିରୁ ଊର୍ଦ୍ଧ୍ୱ ଗୃହ, ଗ୍ରାମାଞ୍ଚଳରେ ୧୧ କୋଟି ଶୌଚାଳୟ, ଉଜ୍ଜ୍ୱଳା ଯୋଜନା ଅଧୀନରେ ୧୦ କୋଟି ରନ୍ଧନ ଗ୍ୟାସ୍ ସଂଯୋଗ ଏବଂ ଜଳଜୀବନ ମିଶନ୍ ଅଧୀନରେ ୧୪ କୋଟି ୯୦ ଲକ୍ଷରୁ ଅଧିକ ନଦୀ ଜଳ ସଂଯୋଗ ବ୍ୟବସ୍ଥା ଏହି ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚନା କରାଯାଇଛି ବୋଲି ସେ କହିଛନ୍ତି ।

## ରୁରାଲ୍ ରୋଡ୍

ଉତ୍ତର-ପୂର୍ବାଞ୍ଚଳରେ ଗ୍ରାମୀଣ ସଡ଼କ ଯୋଗାଯୋଗକୁ ସୁସଂହତ କରିବା ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ତ୍ରିପୁରା ଏବଂ ଆସାମର କେତେକ ସଡ଼କ ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରିଛନ୍ତି । ଆସାମରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ୭୮ଟି ସଡ଼କ କ୍ଷେତ୍ରର ୫୬୩ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୩୭୮ କୋଟି ଟଙ୍କାର ବ୍ୟୟ ଅଟକଳକୁ ମଞ୍ଜୁରି ପ୍ରଦାନ କରାଯାଇଛି । ସେଥିମଧ୍ୟରେ ୧୪ଟି ସେତୁ ରହିଛି । ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ତ୍ରିପୁରାରେ ୪୨ଟି ସଡ଼କ କ୍ଷେତ୍ରର ୧୧୮ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୧୧୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ପ୍ରକଳ୍ପଗୁଡ଼ିକଦ୍ୱାରା ଆସାମ ଏବଂ ତ୍ରିପୁରା ସମେତ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ବାଣିଜ୍ୟ କାରବାର ବୃଦ୍ଧି ପାଇବ ।

## ଆଇ.ଡି.ଏଫ୍. - ହମାସ୍ କମାଣ୍ଡର

ଇସ୍ରାଏଲ୍‌ର ବାୟୁସେନା ଆକ୍ରମଣରେ ହମାସ୍‌ର ବରିଷ୍ଠ କମାଣ୍ଡର ଆୟମାନ ସୌଦେହଙ୍କର ମୃତ୍ୟୁ ହୋଇଥିବା ଇସ୍ରାଏଲ ସେନା କହିଛି । ଗତ

ଅକ୍ଟୋବର ୭ ତାରିଖରେ ଇସ୍ରାଏଲ୍‌ରେ ହୋଇଥିବା ଆକ୍ରମଣର ସେ ମୁଖ୍ୟ ଥିଲେ । ଆଇ.ଡି.ଏଫ୍. କହିଛି, ଏହି ବାୟୁସେନା ଆକ୍ରମଣରେ ନିହତ ହୋଇଥିବା ଦେଢ଼ଶହ ଲୋକଙ୍କ ମଧ୍ୟରେ ସୌଦେହ ଥିଲେ । ହମାସ୍‌ର ଅପରେସନ୍ ମୁଖ୍ୟାଳୟରେ ପ୍ରମୁଖ କାର୍ଯ୍ୟକର୍ତ୍ତା ଏବଂ ଶେଜାଇଆ ବାଟାଲିୟନ୍‌ର ଡେପୁଟି କମାଣ୍ଡର ଭାବେ ସୌଦେହ କାର୍ଯ୍ୟ କରୁଥିଲେ ବୋଲି ଆଇ.ଡି.ଏଫ୍. ସୂଚନା ଦେଇଛି ।

## ମହା - ବିଧାନ ପରିଷଦ

ମହାରାଷ୍ଟ୍ର ବିଧାନ ପରିଷଦର ଦ୍ୱିବାର୍ଷିକ ନିର୍ବାଚନରେ ମହାୟୁତି ମେଣ୍ଟର ୯ ଜଣ ପ୍ରାର୍ଥୀ ଏବଂ ମହାବିକାଶ ଅଘାଡ଼ିର ୨ ଜଣ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ପରିଷଦର ମୋଟ୍ ୧୧ଟି ଆସନ ପାଇଁ ୧୨ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ । ମହାୟୁତି ମେଣ୍ଟର ସମସ୍ତ ପ୍ରାର୍ଥୀ ବିଜୟୀ ହୋଇଥିବାବେଳେ ମହାବିକାଶ ଅଘାଡ଼ିର ୩ ଜଣଙ୍କ ମଧ୍ୟରୁ ୨ ଜଣ ବିଜୟୀ ହୋଇଛନ୍ତି । ବିଧାନସଭାର ସମସ୍ତ ୨୭୪ ଜଣଯାକ ସଦସ୍ୟ ଭୋଟ୍ ଦେଇଥିଲେ ।

## ଲିଥୁଆନିଆ - ପ୍ରେସିଡେଣ୍ଟ

ଗିଟାନସ୍ ନାଉସେଡ଼ା ଲିଥୁଆନିଆ ରାଷ୍ଟ୍ରପତି ଭାବେ ଦ୍ୱିତୀୟ ଥରପାଇଁ ଶପଥ ଗ୍ରହଣ କରିଛନ୍ତି । ଲିଥୁଆନିଆ ସଂସଦ ସିମାସ୍‌ରେ ଆୟୋଜିତ ଏକ ସମାରୋହରେ ଶ୍ରୀ ନାଉସେଡ଼ା ଗତକାଲି ସମ୍ବିଧାନକୁ ହାତରେ ଧରି ଏହି ଶପଥ ନେଇଥିଲେ । ୬୦ ବର୍ଷ ବୟସ୍କ ଅର୍ଥନୀତିଜ୍ଞ ଶ୍ରୀ ନାଉସେଡ଼ା ପ୍ରତିରକ୍ଷା କ୍ଷେତ୍ରରେ ଦେଶର ଅଭିବୃଦ୍ଧି ହାରକୁ ୪ ପ୍ରତିଶତରେ ପହଞ୍ଚାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିବେ ।

## କ୍ରିକେଟ୍

ଭାରତ ଓ ଜିମ୍ବାୱେ ମଧ୍ୟରେ ପାଞ୍ଚଟିକିଆ ଟି-ଟ୍ୱେଣ୍ଟି ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆଜି ହରାରେ ସ୍ପୋର୍ଟସ୍ କ୍ଲବ୍‌ରେ ଖେଳାଯିବ । ଭାରତୀୟ ସମୟ ଅପରାହ୍ନ ସାଢ଼େ ୪ଟାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ଏପର୍ଯ୍ୟନ୍ତ ଖେଳାଯାଇଥିବା ୩ଟି ମ୍ୟାଚ୍ ମଧ୍ୟରୁ ଶୁଭ୍‌ମନ୍ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୨ଟି ମ୍ୟାଚ୍ ଜିତି ସିରିଜ୍‌ରେ ଆଗୁଆ ରହିଛି । ଆଜିର ମ୍ୟାଚ୍ ଜିତି ଭାରତ ସିରିଜ୍ ବିଜୟୀ ହେବାର ଲକ୍ଷ୍ୟ ରଖିଛି । ପ୍ରଥମ ଟି-ଟ୍ୱେଣ୍ଟି

ମ୍ୟାଚ୍‌କୁ ଜିମ୍ବାୱେ ୧୩ ରନ୍‌ରେ ଜିତିଥିବାବେଳେ ଭାରତ ଦ୍ୱିତୀୟ ମ୍ୟାଚ୍‌ଟିକୁ ୧୦୦ ରନ୍‌ରେ ଏବଂ ତୃତୀୟ ମ୍ୟାଚ୍‌କୁ ୨୩ ରନ୍‌ରେ ବିଜୟୀ ହୋଇଥିଲା ।

*****